# ସାର ପାଇଁ ରାଜରାସ୍ତାରେ ଚାଷୀ

ଆସିକା,୨।୯ (ସମିସ)



ଗଞ୍ଜାମ ଜିଲ୍ଲାରେ ଏବେ ଦେଖା ଦେଇଛି ସାର ସଙ୍କଟ। ସାର ପାଇଁ ଚାଷୀ ମୁଣ୍ଡରେ ଚଡ଼କ। ଆସିକାରେ କୃଷି ଜିଲ୍ଲା କାର୍ଯ୍ୟାଳୟ ଏବଂ ଆସିକା ସହକାରୀ ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ରହିଥିଲେ ମଧ ଏଠି ସାରର ଘୋର ଅଭାବ ଚାଷୀଙ୍କୁ ବ୍ୟଥିତ କରିଛି। ସାର ପାଇଁ ରାତିରୁ ଲମ୍ବା ଲାଇନରେ ଆସିକା ଏମ୍‌ପିସିଏସ୍ କାର୍ଯ୍ୟାଳୟ ଆଗରେ ଶତାଧିକ ଚାଷୀ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇ ଲମ୍ବା ଲାଇନ୍ କରି ଅପେକ୍ଷା କରିଥିଲେ।

ଆବଶ୍ୟକ ମୁତାବକ ସାର ନମିଳିବାରୁ ଚାଷୀ ଅଶାନ୍ତି ହୋଇ ହନ୍ତସନ୍ତ ହୋଇଥିଲେ। ସେପଟେ ସାର ପାଇଁ ରାସ୍ତା ଅବରୋଧ କରିଥିଲେ ଚାଷୀ। ଚାଷୀଙ୍କ ଲାଇନ ନସରୁଣୁ ସମିତିରେ ସାର ସରିଯିବା ଫଳରେ ନିରାଶ ହୋଇ ଫେରିଛନ୍ତି ଚାଷୀ। ଆସିକା ସହକାରୀ ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ଅଧୀନରେ ୮ ଗୋଟି ବ୍ଲକ ରହିଛି। ଏହାର ଅଧୀନରେ ୧୨୫ଟି ପେକ୍ସ ସୋସାଇଟି ମାଧ୍ୟମର ସାର ବିକ୍ରି ହୁଏ। ଏବେ ୩୪୧୨ ହଜାର ମେଟ୍ରିକ ଟନ୍ ସାର ଇନଡେଣ୍ଟ ହୋଇଛି ଯାହାକି ଆଜି ସୁଦ୍ଧା ପହଞ୍ଚିବ। ସେମିତି ଆସିକା କୃଷି ଜିଲ୍ଲା କାର୍ଯ୍ୟାଳୟରେ ରହିଥିବା ୪ଗୋଟି ବ୍ଲକ ପାଇଁ ୨୧୧୭ ହଜାର ମେଟ୍ରିକ ଟନ୍ ସାର ଇନଡେଣ୍ଟ ହୋଇଛି। ଏହା ବୋଧେ ପ୍ରାଇଭେଟ ଡିଲର ଓ ମହିଳା ଗ୍ରୁପ ସହ କିଛି ସମବାୟ ଅନୁଷ୍ଠାନ ମଧ୍ୟ ସାର ବିକ୍ରି ପାଇଁ ଲାଇସେନ୍ସ ପାଇଛନ୍ତି। ତଥାପି ସାରର ଘୋର ଅଭାବ ପାଇଁ ସାର କଳାବଜାର ହେଉଥିବା ଅଭିଯୋଗ ଆଣିଛନ୍ତି। ଏମିତିକି ଶେଷରେ ପୁଲିସ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ଆବଶ୍ୟକ ପରିମାଣର ସାର ଆସୁ ନଥିବା ଯୋଗୁ ଚାଷୀ ଦହଗଞ୍ଜ ହେଉଛନ୍ତି।

## ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ସଚେତନତା କାର୍ଯ୍ୟକ୍ରମ




ବ୍ରହ୍ମପୁର,୨।୯ (ସମିସ): ଗଞ୍ଜାମ ଜିଲ୍ଲା ଏଡସ୍ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମକେସିଜି ମେଡ଼ିକାଲ ପରିସରରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଶାନ୍ତ କୁମାର ନାୟକ ଯୋଗଦେଇ ଗଣଦୌଡକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଏଚଆଇଭି/ଟିବି ନୋଡାଲ ଅଧିକାରୀ ଡ଼. ଅବନୀ ପାତ୍ର, ଗଞ୍ଜାମ ଜିଲ୍ଲା ୱାଇଆରସି ସଂଯୋଜକ ଡ଼. ଜଗଦୀଶ ପାତ୍ର, ରାଜେନ୍ଦ୍ର ମହାରଣା ଓ ଡ଼. ସନ୍ତୋଷ କୁମାର ରାଜୁ ଯୋଗଦେଇ ଏଚଆଇଭି ସମ୍ପର୍କରେ ସଚେତନତା କରାଇଥିଲେ। ଗଣଦୌଡରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଏଡସ ସଚେତନତା ମାରାଥନ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି। ଶେଷରେ କାମନା ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବ୍ରହ୍ମପୁର,୨।୯ (ସମିସ): ସ୍ଥାନୀୟ ବାପୁଜୀ ଆଶ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଖୁବଶୀଘ୍ର ଗଞ୍ଜାମ ଜିଲ୍ଲା ପୂର୍ବର କଂଗ୍ରେସ ସଭାପତି ଚୟନ ଶେଷ ହେବ। ଏନେଇ ଏଆଇସିସିର ନିର୍ଦ୍ଦେଶକ୍ରମେ ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ରାମଲାଲ ଜାଟ୍ ଓ ପିସିସିର ବରିଷ୍ଠ ସଦସ୍ୟଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ଗଠିତ କମିଟି ତୃଣମୂଳସ୍ତରରେ ଲୋକଙ୍କ ସହ ଆଲୋଚନା କରି ୧୬ ତାରିଖ ମଧ୍ୟରେ ଏକ ରିପୋର୍ଟ ପ୍ରଦାନ କରି ଉଭୟ ଏଆଇସିସି ଓ ପିସିସିକୁ ରିପୋର୍ଟ ପ୍ରଦାନ କରିବ। ରିପୋର୍ଟ ପ୍ରଦାନର ମାସକ ମଧ୍ୟରେ ଗଞ୍ଜାମ ଜିଲ୍ଲା ପୂର୍ବ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯିବ। ସଂଗଠନ ସର୍ଜନ ଅଭିଯାନ ମାଧ୍ୟମରେ ଏହା ଜାରି ରହିଥିବା ଏଆଇସିସି ପ୍ରଭାରୀ ରାମଲାଲ ଜାଟ୍ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଶ୍ରୀ ଜାଟ୍ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଚିକିଟି ଓ ଦିଗପହଣ୍ଡି ଆଦି ନିର୍ବାଚନ ମଣ୍ଡଳୀ ବୁଲି ଲୋକଙ୍କ ସହ ଆଲୋଚନା କରିବେ ବୋଲି କୁହାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ଜାକବ ପ୍ରଧାନ, ପିସିସି ପ୍ରଭାରୀ ସରୋଜ ପ୍ରଧାନ, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ବରିଷ୍ଠ ନେତା ଦୀପକ ପଟ୍ଟନାୟକ, ରଶ୍ମି ପଟ୍ଟନାୟକ ଓ ଶାକା ସୁଜିତ୍ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ।

## ୧୨୧ ପ୍ରାଣୀ ପାଳକଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ପୋଲସରା,୨।୯ (ସମିସ): ୧୨୧ ଜଣ ପ୍ରାଣୀ ପାଳକଙ୍କୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ହିତାଧୀକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପୋଲସାରା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଅଧିକାରୀ ଡାଃ ଶାଶ୍ୱତ ସୂରଜ ସ୍ୱାଇଁ, ତୁଙ୍କାପଡା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ଦେବଦତ୍ତ ଲେଙ୍କା, ପୋଲସରା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ବିଷ୍ଣୁପ୍ରିୟା ଦାସ ଏବଂ ପ୍ରାଣୀଧନ ନିରୀକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ପଦକ୍ଷେପ ଦ୍ୱାରା ପ୍ରାଣୀପାଳକ ମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟ ସରକାରଙ୍କ 'ଆତ୍ମନିର୍ଭର ଓଡିଶା'ର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଅଧ୍ୟକ୍ଷା ସଂଗୀତା ବେହେରା, ବ୍ଲକ୍ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ବିଡିଓ ଶଶିଭୂଷଣ ମହାପାତ୍ର, ଉପାଧ୍ୟକ୍ଷ ସନ୍ତୋଷ ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ସୀମାଞ୍ଚଳ ସାହୁଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

## ସାର ବିକ୍ରୟ କେନ୍ଦ୍ରରେ ପ୍ରଶାସନର ଚଢ଼ଉ

ବୁଗୁଡ଼ା,୨।୯ (ସମିସ): ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଗୁଡା ତହସିଲଦାର ତାପସ ରାଉତ ଏବଂ ସହକାରୀ କୃଷି ଅଧିକାରୀ ହରପ୍ରିୟା ବେହେରା ବୁଗୁଡା ଅଞ୍ଚଳର ବିଭିନ୍ନ ବେସରକାରୀ ସାର ବିକ୍ରୟକେନ୍ଦ୍ର ଓ ସେବା ସମବାୟ ସମିତି ଗସ୍ତରେ ଯାଇଥିଲେ। ସାରର କଳାବଜାରୀକୁ ରୋକିବା ପାଇଁ ଟିମ୍ ପକ୍ଷରୁ ବୁଗୁଡା ଅଞ୍ଚଳର ଜୟ ମା'ତାରିଣୀ ଭଣ୍ଡାର, ଜଗନ୍ନାଥ ଟ୍ରେଡର୍ସ , ପଦ୍ମାବତୀ ଭଣ୍ଡାର, ସାଇକୃପା ଷ୍ଟୋର ଓ ବୁଗୁଡ଼ା ସେବା ସମବାୟ ସମିତିରେ ଚଢ଼ଉ କରାଯାଇଥିଲା। ଏହି ଟିମରେ ରେଭିନ୍ୟୁ ସୁପରଭାଇଜର ଗିରିଜା ଭୂଷଣ ମଲ୍ଲିକ ଓ ଭିଏଡବ୍ଲୁ ଅଶୋକ କୁମାର ସେଠୀ ମଧ୍ୟ ସାମିଲ ଥିଲେ। ଏହି ଚଢାଉ କାଳରେ ଗଚ୍ଛିତ ସାରକୁ ଚଢା ଦରରେ ବିକ୍ରି ନକରିବାକୁ ସମସ୍ତଙ୍କୁ ତାଗିଦ୍ କରିବା ସହ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

କୋଦଳା,୨।୯ (ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଏସ. ଛଚିନା ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଦଳା ତହସିଲଦାର ତଥା ବେଗୁନିଆପଡ଼ା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତା ଶତପଥି, ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ, ସିଡିପିଓ ନୀଳିମା ଟପ୍ପୋ, ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ମମତା ପଣ୍ଡା, ଯନ୍ତ୍ରୀ ଶୁଭଶ୍ରୀ ମହାରଣା, ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା, କନିଷ୍ଠ ଯନ୍ତ୍ରୀ ବାଣୀଶ୍ରୀ ଦେବି, ଯୋଗାଣ ଅଧିକାରୀ, କୃଷି ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ , ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ, ମତ୍ସ୍ୟ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ଏସ. ଛଚିନା ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତି ସଭ୍ୟ ବୁଦ୍ଧିଆ ଦାଶ, ପିଇଓ ସନ୍ତୋଷ ଭୋଇଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ। ସମୁଦାୟ ୭୬ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ଆବାସ ଯୋଜନା, ଭତ୍ତା, ରାସନ କାର୍ଡ, ବିଦ୍ୟୁତ, ମେଡିକାଲ, ନରେଗା, ଜଳ ପରିମଳ ଅଭିଯୋଗ ହୋଇଥିଲା।

## କାର୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ଭଞ୍ଜନଗର,୨।୯ (ସମିସ): ଭଞ୍ଜନଗର ଆସିକା ମୁଖ୍ୟ ରାସ୍ତାର ସାଲୁଆପଲ୍ଲୀ ନିକଟରେ ମଙ୍ଗଳବାର ସକାଳେ ଏକ କାର ଗାଡ଼ି ଧକ୍କାରେ ୩୩ କେଭି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ କଣ୍ଟେଇପଲ୍ଲୀ ଗ୍ରୀଡ୍ ସବ୍‌ଷ୍ଟେସନରୁ ଭଞ୍ଜନଗର ବିଦ୍ୟୁତ ସେବା ବନ୍ଦ ହୋଇଯାଇଛି। ଏହାର ପ୍ରଭାବରେ ସକାଳ ୯ଟାରୁ ଭଞ୍ଜନଗର ଅଞ୍ଚଳରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ଲୋକେ ବିଦ୍ୟୁତ ସେବା ପାଇ ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। କାର ଗାଡିଟି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ ଗାଡ଼ିର ଚାଳକ ଏବଂ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡିଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୪ ଗିରଫ

ଛତ୍ରପୁର,୨।୯ (ସମିସ): ଚମାଖଣ୍ଡି ଥାନା ପୁଲିସ ସୋମବାର ରାତିରେ ମାଟିଖାଲ ଅଞ୍ଚଳରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ଉ କରିବା ସହ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଏହା ସହ ଜୁଆ ଆଡ୍ଡାରୁ ୪୪ହଜାର ୮୪୦ ଟଙ୍କା ସହ ୨ବାଇକ, ୫ଟି ମୋବାଇଲ, ଏଲଇଡ଼ି ବଲବ ଓ ତିନୋଟି ତାସ କାଟା ଜବତ କରିଛି। ଏନେଇ ଥାନାରେ ୪୧୧/୨୫ ମାମଲା ରୁଜୁ କରିଛି ପୁଲିସ। ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅଭିଜିତ ସାମଲଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ।

## ଲଣ୍ଡାବାଉଁଶ ଗାଁରୁ ସିରିଜ୍ ଚୋରି

ଛତ୍ରପୁର,୨।୯ (ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ଲଣ୍ଡାବାଉଁଶ ଗ୍ରାମରେ ଅନବରତ ଚାଲିଛି ଚୋରି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି ହୋଇଛି। ଏନେଇ ମଙ୍ଗଳବାର ଲଣ୍ଡାବାଉଁଶ ଗ୍ରାମ୍ୟ କମିଟି ଛତ୍ରପୁର ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ମଧ୍ୟରାତ୍ରରେ ହନୁମାନ ବିଗ୍ରହଙ୍କ ୫ କିଲୋ ଓଜନର ଗଦା ଚୋରି ହୋଇଯାଇଛି। ଏହା ସହିତ ପୂର୍ବରୁ କାଳୀ ମନ୍ଦିର କାମ ଚାଲିଥିବା ମଧ୍ୟରେ ୧୦ ବସ୍ତା ସିମେଣ୍ଟ, ମା'ଉଗ୍ରତାରାଙ୍କ ଦୁଇଟି ରୁପା କିରଟି ୨୦୦ ଗ୍ରାମର ଚୋରି ହୋଇଛି। ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଗ୍ରାମ୍ୟ କମିଟି ପକ୍ଷରୁ ଦାବି କରାଯାଇଛି।

## ନାବାଳିକାକୁ ଅସଦାଚରଣ; ଜଣେ ଗିରଫ

ପୋଲସରା,୨।୯ (ସମିସ): ପୋଲସରା ଥାନା ଅଞ୍ଚଳର ଜଣେ ୫ ବର୍ଷର ନାବାଳିକାକୁ ଅସଦାଚରଣ ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ନାବାଳିକା ଘର ବାହାରେ ଖେଳୁଥିବା ବେଳେ ଜଣେ ଯୁବକ ପ୍ରଲୋଭିତ କରି ନିଛାଟିଆ ସ୍ଥାନକୁ ଡ଼ାକିନେଇ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ନାବାଳିକାର ହାବଭାବ ଦେଖି ପରିବାର ଲୋକେ ସନ୍ଦେହରେ ପଚାରିବାରୁ ସେ ବାପା ମା'ଙ୍କ ସମ୍ମୁଖରେ ସବୁ କହିଥିଲା। ଏନେଇ ପରିବାର ଲୋକେ ପୋଲସରା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକକୁ ଗିରଫ କରିଛି।

### ପୂର୍ବ ସୂଚନା ଦିଆଯାଇନଥିଲା

## ମତ୍ସ୍ୟଜୀବୀଙ୍କ ଉପରେ ଦୋଷ ଲଦା ଘଟଣାକୁ ବିରୋଧ

ଛତ୍ରପୁର,୨।୯ (ସମିସ): ଗତ ୨୮ ତାରିଖରେ ସମୁଦ୍ରରେ ଡଙ୍ଗା ଓଲଟି ଜଣଙ୍କ ମୃତ୍ୟୁ ପରେ ମତ୍ସ୍ୟ ବିଭାଗ ତରବରିଆ ଭାବେ ସମୁଦ୍ରକୁ ମାଛମାରିବାକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଛି ବୋଲି କହିଥିଲା। ବାସ୍ତବରେ ଏହା ସତ୍ୟ ନୁହେଁ, ସମୁଦ୍ର ଅଶାନ୍ତ ଥିବା ନେଇ ଗତ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରେ ମାଛମାରିବାକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସୂଚନା ଦିଆଯାଇଥିଲା। କିନ୍ତୁ ୨୭ରୁ କୌଣସି ସତର୍କ ସୂଚନା ଦିଆଯାଇନଥିଲା। ହଠାତ୍ ୨୮ ତାରିଖ ରାତି ତଥା ୨୯ ତାରିଖ ପାହାନ୍ତିଆରେ ଅଘଟଣ ଘଟିବା ପରେ ମତ୍ସ୍ୟବିଭାଗ ନିଜର ଦୋଷ ଲୁଚାଇ ନିରୀହ ମତ୍ସ୍ୟଜୀବୀ ଉପରେ ସଂପୂର୍ଣ୍ଣ ଦୋଷ ଲଦି ଦେଇଥିବା ନେଇ ସାନନୋଲିଆ ନୂଆଗାଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସଚେତନତା କରାଯାଇଥିବା ସମସ୍ତଙ୍କ ନିକଟରେ ଯେପରି ପ୍ରମାଣଭିତିକ ସୂଚନା ରହିଛି। ସେହିପରି ୨୭ ତାରିଖଠୁ ଅନ୍ୟ ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ମାଛମାରିବା ପାଇଁ ବାରଣ କରାଯାଇଥିବାର କୌଣସି କ୍ଷେତ୍ରରେ ପ୍ରମାଣଭତିକ ସୂଚନା ନଥିବା ଯୋଗୁଁ ମତ୍ସ୍ୟଜୀବୀମାନେ ମାଛମାରିବାକୁ ଯାଇଥିଲେ ଓ ଅଘଟଣ ଘଟିଥିଲା। ଏଥିପାଇଁ ମତ୍ସ୍ୟ ବିଭାଗ ନିଜର ଦୋଷକୁ ସ୍ୱୀକାର ନ କରି ମତ୍ସ୍ୟଜୀବୀ ତଥା ଡଙ୍ଗା ମାଲିକ ଉପରେ ଦୋଷ ଲଦି ଦେଉଛି। ଏହାକୁ ନୋଳିଆନୂଆଗାଁ ଗ୍ରାମବାସୀ ଦୃଢ଼ ନିନ୍ଦା କରିବା ସହ ଘଟଣାର ସତ୍ୟତାକୁ ଅନୁସନ୍ଧାନ କରି ପଦକ୍ଷେପ ନେବାକୁ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସରପଞ୍ଚ ତଥା ମତ୍ସ୍ୟଜୀବୀ ନେତା ଏ.କାଲେୟା, ଏ.ସନ୍ୟାସୀ, ଏମ୍.ତାତେୟା, ପି.କାଣ୍ଡେୟା, ଏଙ୍ଗ. ଏରେୟା, ପି.ତାତାଲି, ଏମ୍.ମୋହନ, ଏମ୍.ବାବାଜୀଙ୍କ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଘଟଣାର ସତ୍ୟତା ଛାନଭିନ୍ ନ କରି ଡଙ୍ଗା ମାଲିକ ଏଙ୍ଗ ଏରେୟାଙ୍କ ଡଙ୍ଗା ଲାଇସେନ୍ସ ବାତିଲ କରିବା ସହ ତାଙ୍କ ବିରୋଧରେ ଥାନାରେ ଏତଲା ଦେବା ମତ୍ସ୍ୟ ବିଭାଗର ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



### ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା

## ବିଧାୟକଙ୍କୁ ବଣିକ ସଂଘର ସମ୍ବର୍ଦ୍ଧନା

ଜଗନ୍ନାଥପ୍ରସାଦ,୨।୯ (ସମିସ): ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଯାଇଛି। ଏନଏସି ଗଠନ ଲାଗି ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଦାବିକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ସୋମବାର ବଣିକ ସଙ୍ଘ ପକ୍ଷରୁ ଏକ ସାଧାରଣ ବୈଠକରେ ସ୍ଥାନୀୟ ବିଧାୟକଙ୍କୁ ସ୍ୱାଗତ ଜଣାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚବାସୀ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଥାଉକି ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଅଧୀନ ଆଙ୍କୁଲକୁମ୍ପା, ଆଜ୍ଞାପ୍ରସାଦ, ବାଇନପଲ୍ଲୀ, ବାଣୀଖୋଲା, ବରବରା, ଚିକିଲି, ଡ଼ିମିରିପଲ୍ଲୀ, ଡୁଙ୍ଗାପଲ୍ଲୀ, ଜଗନ୍ନାଥ ପ୍ରସାଦ, ଜଗନ୍ନାଥପୁରୁ ଶାସନ, କନ୍ଧ ଗାଲେରି, କୋରାପଲ୍ଲୀ, କ୍ରିୟାଧର, ତାଳପଙ୍କା ଗ୍ରାମ ରହିଛି। ଏହା ବ୍ୟତୀତ ରାଉତି ପଞ୍ଚାୟତର ଚାରିକୋଣିଆ ଗ୍ରାମ ଓ ଛାମୁଣ୍ଡା ପଞ୍ଚାୟତ ଚୋପରା ଗ୍ରାମ (୩ଗୋଟି ୱାର୍ଡ) ନୂତନ ଭାବେ ଗଠନ ହୋଇଥିବା ଏନ୍‌ଏସିରେ ଯୋଡ଼ି ହୋଇଛି। ଇତିମଧ୍ୟରେ ସ୍ଥାନୀୟ ପଞ୍ଚାୟତ ଅଧୀନ ବାଇନ ପଲ୍ଲୀ, କନ୍ଧ ଗାଲେରି ଓ କୋରା ପଲ୍ଲୀରେ ଜନବସତି ନ ଥାଇ ମଧ୍ୟ ଏହା ତହସିଲ ଅଧୀନରେ ରହି ଥିବାରୁ ତିନୋଟି ଅଞ୍ଚଳ ଏନ୍‌ଏସି ଅଧୀନରେ ରହିଛି। ଛାମୁଣ୍ଡା ପଞ୍ଚାୟତରୁ ଚୋପରା ବିଛିନ୍ନ ହେଲା ପରେ ଏଠାକାର ବଳକା ଜନ ସଂଖ୍ୟା ୫୭୭୦ ରହିଥବା ବେଳେ ରାଉତି ପଞ୍ଚାୟତର ବଳକା ଜନ ସଂଖ୍ୟା ୫୨୯୮ ରହିଥିବା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମାଥୁରାମ ନାୟକ ସୂଚନା ଦେଇଛନ୍ତି।

## ଘର ତାଲା ଭାଙ୍ଗି ଲୁଟ୍; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨।୯ (ସମିସ): ଦିଗପହଣ୍ଡି ଥାନା ତୁଡୁଙ୍ଗପୁର ଗ୍ରାମର ବି.ପାର୍ବତୀ ପାତ୍ରଙ୍କୁ ଘରେ ପଶି ଠେଙ୍ଗାରେ ଆକ୍ରମଣ ଅଭିଯୋଗରେ ତୁଡୁଙ୍ଗପୁର ଗ୍ରାମରେ ରହୁଥିବା ଗୋଳନ୍ଥରା ଥାନା ମଦନମୋହନପୁର ଗ୍ରାମର କାଲୁ ପାତ୍ରଙ୍କୁ ମଙ୍ଗଳବାର ଏସ୍‌ଆଇ ସୋଫିଆ ମିଶ୍ର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ସନ୍ଧ୍ୟାରେ କାଲୁ, ହରି ପାତ୍ର, କାଳିଆ ପାତ୍ର ପାର୍ବତୀଙ୍କ ଘର ପାଖରେ ଅନ୍ୟ ଏକ ଘରେ ରହୁଥିବା ବଡ଼ପୁଅ ଶିବ ପାତ୍ରଙ୍କ ଘରର ଗ୍ରିଲ ଓ ତାଲା ଭାଙ୍ଗି ଭିତରେ ପଶି ଆଲମିରାରୁ ୧୦ ହଜାର ଟଙ୍କା ଏବଂ ୧୪ ଗ୍ରାମ ଓଜନର ସୁନା ଗହଣା ନେଇଯାଇଥିଲେ। ଶବ୍ଦ ଶୁଣି ପାର୍ବତୀ ସେଠାକୁ ଯାଇ ପ୍ରତିବାଦ କରିବାରୁ ସେମାନେ ସଂଘବଦ୍ଧ ଭାବେ ମାଡ ମାରିଥିଲେ। ପାର୍ବତୀଙ୍କ ସ୍ୱାମୀ ବି. କୃଷ୍ଣ ପାତ୍ର ଦୌଡ଼ି ଆସିବାରୁ କାଲୁ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ବଡବୋହୂ ବି. ଶିଲ୍ପା ପାତ୍ର ସେଠାକୁ ଆସି ଶାଶୁ ପାର୍ବତୀଙ୍କୁ ଉଦ୍ଧାର କରିବା ବେଳେ କାଲୁ ତାଙ୍କ ଚୁଟି ଓ ଲୁଗା ଭିଡ଼ି ଅସଦାଚରଣ କରିବାକୁ ପଛାଇନଥିଲେ। ପାର୍ବତୀ ଦିଗପହଣ୍ଡି ଥାନାରେ ଏତଲା ଦେବାରୁ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ନିମନ୍ତେ ଏସ.ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସୁମନ୍ତପୁରରେ ଗୋଷ୍ଠୀସଂଘର୍ଷ; ୪ ଆହତ

ସାନଖେମୁଣ୍ଡି,୨।୯ (ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଆମ୍ବଗାଁ ପଞ୍ଚାୟତ ସୁମନ୍ତପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିବା ବେଳେ ଚାରିଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ସୁମନ୍ତପୁର ଗ୍ରାମର ଅନନ୍ତ ଗୌଡ଼, ତୋଫାନ ଗୌଡ, ଶକ୍ତି ଗୌଡ଼, ମନୋଜ କୁମାର ଗୌଡ଼। ସୂଚନା ମୁତାବକ ସୋମବାର ବିଳମ୍ବିତ ରାତ୍ର ସୁମନ୍ତପୁର ଗ୍ରାମରେ ବାହାଘର କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ମିଶି ସାହି ମଝିରେ ଡିଜେ ଉଚ୍ଚ ଶବ୍ଦରେ ବଜାଉଥିଲେ। ଏତିକିବେଳେ ସେହି ସାହିର କିଛି ଯୁବକ ସାଉଣ୍ଡ କମାଇବାକୁ କହିବାରୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ୪ ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ପାଟପୁର ପୁଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି।

## ଗାଙ୍ଗପୁରରେ ଐତିହାସିକ ପର୍ବ ନଳଯାତ୍ରା

ବେଲଗୁଣ୍ଠା,୨।୯ (ସମିସ): ବେଲଗୁଣ୍ଠା ବ୍ଲକ ଗାଙ୍ଗପୁରରେ ଐତିହାସିକ କୃଷିଭିତ୍ତିକ ପର୍ବ ନଳଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ ପରମ୍ପରା ମୁତାବକ ଆଜି ଜଙ୍ଗଲରୁ ବାରଫୁଟ ଉଚ୍ଚତାର ତିନୋଟି ବାଉଁଶ ଆଣି ସେଗୁଡ଼ିକୁ ଗ୍ରାମର ପୂଜା ମଣ୍ଡପରେ ଗଙ୍ଗାଜଳରେ ଶୋଧନ କରାଯିବା ସହିତ ନଳ ଗୁଡ଼ିକୁ ଗ୍ରାମର ଆରାଧ୍ୟା ମା' କନ୍ଧୁଣି ଦେବୀ, ମାଆ ରତ୍ନେଇ ଏବଂ ମା' କାଳୀଙ୍କ ପ୍ରତିନିଧି ରୂପରେ ରଙ୍ଗବେରଙ୍ଗ କପଡ଼ା ଏବଂ ଫୁଲରେ ସଜାଇ ଦିଆଯାଇଥିଲା ଓ ଏହାପରେ ସାରା ଗ୍ରାମରେ ଗଙ୍ଗାଜଳ ସିଞ୍ଚନ କରାଯାଇ ମଣ୍ଡପ ନିକଟରେ ହୋମକର୍ମ ଅନୁଷ୍ଠିତ ହୋଇଥିଲା ଓ ଗ୍ରାମର ଦେବ ଗୌଡ଼ଙ୍କ ଘରୁ ଦେବୀଙ୍କୁ ଆବାହନ କରାଯାଇଥିଲା। ଏହି ଅବସରରେ ଗ୍ରାମର କୃଷି,ପଶୁ ସମ୍ପଦ ଏବଂ ଜନ ସାଧାରଣଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। କର୍ତ୍ତା ରୂପେ ସନ୍ତୋଷ କୁମାର ବିଷୋୟୀ ଏବଂ ପୁରୋହିତ ଭାବେ ହରିହର ତ୍ରିପାଠୀ, ପୀତବାସ ପୁରୋହିତ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ବାରିକ, ଜାନୀ, ଶିବ ମନ୍ଦିର ପୂଜକ, ଗ୍ରାମ୍ୟ ପରିଚାଳନା କମିଟି,ଶିଶୁ ସଂକୀର୍ତ୍ତନ ମଣ୍ଡଳୀ, ଯୁବକ ସଂଘ ସହଯୋଗ କରିଥିବା ବେଳେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ୍ ବାହିନୀ ଶୃଙ୍ଖଳା ରକ୍ଷା କରିଥିଲେ।



# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ବିବିଧ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ବ୍ରହ୍ମପୁର,୨।୯ (ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ବିବିଧ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଲମ୍ପିଆନ କେ. ରବି କୁମାର ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ୭୮ଟି ବିଦ୍ୟାଳୟରୁ ୧୭ବର୍ଷରୁ କମ୍ ବୟସର ୨୪୮ ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ମଙ୍ଗଳବାର ଭାରତ୍ତୋଳନ, ସନ୍ତରଣ ଓ ବାସ୍କେଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସନ୍ତରଣ ଓ ବାସ୍କେଟବଲ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବୁଧବାର କେବଳ ଭାରତ୍ତୋଳନ ପ୍ରତିଯୋଗିତା ରହିଥିବା ନେଇ ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ଭାଗିରଥୀ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଡ଼ିୟମ ଇନଚାର୍ଜ ସଂଜୀବ ସାହୁ, ବରିଷ୍ଠ ଭାରତ୍ତୋଳକ ନାରାୟଣ ସାହୁ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ପଟ୍ଟନାୟକ ଓ ଅବସର ପ୍ରାପ୍ତ କ୍ରୀଡ଼ାଶିକ୍ଷକ କେଦାରନାଥ ଚୌଧୁରୀଙ୍କ ସମେତ ବହୁ କ୍ରୀଡ଼ାବିତ ଉପସ୍ଥିତ ଥିଲେ।

## ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ତହସିଲ ନିଜାରତ ଉପବିଭାଗ କାର୍ଯ୍ୟାଳୟ ତାଲା ଖୋଲିଲା

ମୋହନା,୨।୯ (ସମିସ): ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ତାଲା ଖୋଲିବା ସହ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗଜପତି ଜିଲ୍ଲା ମୋହନା ତହସିଲ କାର୍ଯ୍ୟାଳୟର ନିଜାରତ ଉପବିଭାଗରେ କାର୍ଯ୍ୟରତ କିରାଣୀ ଅନ୍ୟତ୍ର ବଦଳି ହେବା ପରେ ଅନ୍ୟ କର୍ମଚାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରି ଅଫିସକୁ ନିଜ ଅଧୀନରେ ରଖି ତାଲା ପକାଇ ରଖିଥିଲେ। ଫଳରେ ସରକାରୀ କାର୍ଯ୍ୟରେ ବାଧା ଉପୁଜୁଥିଲା। ଯାହାକୁ ନେଇ ମୋହନା ତହସିଲଦାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଆଜି ବିଡିଓ ମଜିଷ୍ଟ୍ରେଟ୍ ଦାୟିତ୍ୱରେ ରହି ପୁଲିସ ଉପସ୍ଥିତିରେ ତାଲା ଖୋଲିବା ସହ ନଥିପତ୍ର ହିସାବ କରି ଅନ୍ୟ ଜଣଙ୍କୁ ଦାୟିତ୍ୱ ହସ୍ତାନ୍ତର କରଯାଇଛି। ଏ ନେଇ ସଂପୃକ୍ତ କିରାଣି କହିଛନ୍ତି, ସେ ବାରମ୍ବାର ଦାୟିତ୍ୱ ହସ୍ତାନ୍ତର କରିବାକୁ ଇଚ୍ଛା କରିଥିଲେ ମଧ୍ୟ ତାଙ୍କ ଠାରୁ କେହି ଦାୟିତ୍ୱ ନେଇନଥିଲେ। ଫଳରେ ଅଫିସ୍ ତାଲା ପଡ଼ିଥିଲା।

## ବଜ୍ରପାତରେ ଯୁବକ ମୃତ

ବାଲିଗୁଡା,୨।୯ (ସମିସ): ବାଲିଗୁଡ଼ା ଥାନା ସିନ୍ଦ୍ରିଗାଁ ପଞ୍ଚାୟତ ବରିପଡା ଗାଁରେ ସୋମବାର ବଜ୍ରପାତରେ ଜଣେ ଗାଈ ଚରାଉଥିବା ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁରଜ୍ ବାଘ। ସେ ଗାଈ ଚାରାଉଥିବାବେଳେ ଅପରାହ୍ନରେ ବଜ୍ରପାତ ହେବାରୁ ମୋବାଇଲ ସହିତ କଚାଡ଼ି ହୋଇ ତଳେ ପଡ଼ିଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଲିଗୁଡ଼ା ଥାନାର ଏସ୍ଆଇ ଯୁଗଳ କିଶୋର ନାୟକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲେ। କିଛି ଦିନ ପୂର୍ବେ ସେହି ଅଞ୍ଚଳରେ ବଜ୍ରପାତରେ ୧୧ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିଲା। ପୁଣି ଏହି ଘଟଣାକୁ ନେଇ ଅଞ୍ଚଳରେ ଏକ ଭୟରେ ବାତାବରଣ ସୃଷ୍ଟି ହୋଇଛି।

## ପ୍ରଶାସନର ଉଠା ଦୋକାନ ଉଚ୍ଛେଦ



ବାଲିଗୁଡା,୨।୯ (ସମିସ): ବାଲିଗୁଡ଼ାରେ କିଛି ମାସ ପରେ ପୁଣି ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସହରରେ ସୌନ୍ଦର୍ଯ୍ୟକରଣ, ସୁରକ୍ଷା, ପରିମଳ ବ୍ୟବସ୍ଥା ଓ ଟ୍ରାଫିକ ସମସ୍ୟା ଦୃଷ୍ଟିରେ ରଖି ଆଜି ପୂର୍ବ ନିର୍ଦ୍ଦେଶ ପ୍ରକାରେ ବାଲିଗୁଡ଼ା ବଜାର ଡ୍ରେନ ଉପରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରି ସହରରେ ଥିବା ଭେଣ୍ଡିଂ ଜୋନ୍‌ରେ ଥଇଥାନ କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଉଚ୍ଛେଦ ସମୟରେ ବଣିକ ସଂଘ ପ୍ରତିବାଦ କରିଥିବା ବେଳେ ଉଚ୍ଛେଦ କାର୍ଯ୍ୟକ୍ରମ ସ୍ଥଗିତ ରହିଥିଲା। ହେଲେ ନୂତନ ଭାବେ ଉପଜିଲ୍ଲାପାଳ ପ୍ରଣିତା ଦାସ ଦାୟିତ୍ୱ ନେବା ପରେ ପୁଣି ସେଇ ଉଚ୍ଛେଦ ପ୍ରକ୍ରିୟା ଚାଲୁ କରୁଥିବା ଜଣାଯାଇଛି। ପୁଲିସ୍ ଫୋର୍ସ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଉଚ୍ଛେଦ କରାଯାଉଥିବା ବେଳେ ଉପଜିଲ୍ଲାପାଳଙ୍କ ସମେତ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ତାହସିଲଦାର ଦୀପ୍ତି ପ୍ରକାଶ ବେହେରା, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ ବାଲିଗୁଡ଼ା ଆର୍ଆଇ, ଅମିନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ କର୍ମଚାରୀ ଅମାନିଆ ଉଠା ଦୋକାନୀଙ୍କ ଠାରୁ ଫାଇନ ଆଦାୟ କରିବା ସହିତ ଉଠା ଦୋକାନୀଙ୍କ ସାମଗ୍ରୀ ଜବତ୍ କରି ଉଠାଇ ନେଇଥିଲେ।

## ପୂର୍ବତନ ବାଚସ୍ପତିଙ୍କ ଶ୍ରାଦ୍ଧବାର୍ଷିକୀ



ଦିଗପହଣ୍ଡି,୨।୯ (ସମିସ): ଦିଗପହଣ୍ଡି ନଗର ଓ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ବିଧାୟକ ସ୍ୱର୍ଗତ ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ନିକଟ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଦଳୀୟ ନେତୃବୃନ୍ଦ, କର୍ମୀ ଏକତ୍ରିତ ହୋଇ ତାଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ବିଜେଡ଼ି ବ୍ଲକ ସଭାପତି ବିଭୂତି ଭୂଷଣ ମହାପାତ୍ର, ବିଜେଡ଼ି ରାଜ୍ୟ ସମ୍ପାଦକ ସୁନୀଲ ଗୌଡ଼, ନଗର ବିଜେଡି ସଭାପତି ତାରା ପ୍ରସାଦ ପଟ୍ଟନାୟକ, ଛାତ୍ର ବିଜେଡ଼ି ବ୍ଲକ ସଭାପତି ବିପ୍ଳବ ମିଶ୍ର, ନଗର ବିଜେଡ଼ି ସଭାନେତ୍ରୀ ଅନିତା ବେହେରା, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ଶିବଲକ୍ଷ୍ମୀ ପଟ୍ଟନାୟକ, ଗୋକର୍ଣ୍ଣପୁର ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସେଠୀ, କାଉନସିଲର ନୀଳମାଧବ ଗୌଡ଼, ଗୌରାଙ୍ଗ ଚରଣ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ହରିଶ୍ଚନ୍ଦ୍ର ପାତ୍ର, ମାଗି ସେଠୀ, ରାଜା ପଟ୍ଟନାୟକ, ନିଗମ ପଣ୍ଡା ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଏନ୍‌ଏସି ମାନ୍ୟତାରୁ ବଞ୍ଚିତ ଶେରଗଡ଼

# ଆନ୍ଦୋଳନ ପାଇଁ ସଜବାଜ

ଶେରଗଡ଼,୨।୯ (ସମିସ): ଶେରଗଡ଼କୁ ଏନ୍‌ଏସି ମାନ୍ୟତା ପ୍ରଦାନ ଲାଗି ୧୫ ବର୍ଷ ପୂର୍ବରୁ ଦାବି ହୋଇ ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଯାହାକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ଶେରଗଡ଼କୁ ପୂର୍ବ ସରକାର ଏନ୍‌ଏସି ଘୋଷଣା କରିଥିଲେ। ବର୍ତ୍ତମାନର ସରକାର ନୂତନ ଭାବେ ଦୁଇଟି ପର୍ଯ୍ୟାୟରେ ୨୮ ଟି ଏନ୍‌ଏସି ଘୋଷଣା କରିଛନ୍ତି, ହେଲେ ଶେରଗଡ଼କୁ ବାଦ୍ ଦିଆଯାଇଛି। ଶେରଗଡ଼ବାସୀଙ୍କ ଦାବିକୁ ନେଇ ୫ ବର୍ଷ ପୂର୍ବେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ମାଧ୍ୟମରେ ଦାବିପତ୍ର ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପ୍ରସ୍ତାବ ପଠାଗଲା ପରେ ସରକାର ଏହାକୁ ବିଚାରକୁ ନେଇ ଶେରଗଡ଼ବାସୀଙ୍କ ଦାବି ଯଥାର୍ଥ ମନେକରି ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ ୨୦୨୪ ଫେବୃୟାରୀ ୧୪ରେ ଶେରଗଡ଼ ଗସ୍ତ ଅବସରରେ ଶେରଗଡ଼କୁ ଏନ୍‌ଏସି ରୂପେ ଘୋଷଣା କରିଥିଲେ। ଏହାପରେ ରାଜ୍ୟରେ ସରକାର ବଦଳି ବିଜେପି ସରକାରକୁ ଆସିବା ପରେ ୩୪ଟି ପଞ୍ଚାୟତକୁ ଏନ୍‌ଏସିରେ ପରିଣତ କରିବା ଲାଗି ଘୋଷଣା କରିଥିଲେ ଏବଂ ଏହି ତାଲିକାରେ ଶେରଗଡ଼ର ନାମ ରହିଥିଲା। ଏବେ ରାଜ୍ୟ ସରକାର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବା ବେଳେ ପୁଣି ନିର୍ଦ୍ଧାରିତ କାଗଜପତ୍ର ପ୍ରଦାନ ଲାଗି ପିଡି ଡୁଡା ନିର୍ଦ୍ଦେଶ ଦେବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପିଡି ଡୁଡାଙ୍କୁ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯାଇଥିଲା। ଶେରଗଡ଼ ଠାରେ ଥାନା, ବ୍ଲକ, ତହସିଲ ଭଳି ସମସ୍ତ ସରକାରୀ ପ୍ରଶାସନିକ କାର୍ଯ୍ୟାଳୟ ରହିଥିବା ବେଳେ ବିଭିନ୍ନ ରାଷ୍ଟ୍ରାୟତ୍ତବ୍ୟାଙ୍କ ରହିଛି। ଏନ୍‌ଏସି ଘୋଷଣା ଲାଗି ଏହି ଅଞ୍ଚଳକୁ ବାରମ୍ବାର ସର୍ଭେ କରାଯାଉଛି। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ଶେରଗଡ଼କୁ ଅବହେଳା କରାଯାଉଛି। ବର୍ତ୍ତମାନ ସରକାର ଦୁଇଟି ପର୍ଯ୍ୟାୟରେ ଘୋଷଣା କରିଥିବା ତାଲିକାରେ ଶେରଗଡ଼ ବାଦ ପଡିଥିବା ବେଳେ ଜଗନ୍ନାଥପ୍ରସାଦ ଓ ପାତ୍ରପୁରକୁ ନୂତନ ଭାବେ ଏନ୍‌ଏସି ରୂପେ ଘୋଷଣା କରାଯାଇଛି। ଶେରଗଡ଼ ଏନ୍‌ଏସି ତାଲିକାରୁ ବାଦ ପଡିବା ରାଜନୈତିକ ଆକ୍ରୋଶ ନା ପ୍ରଶାସନିକ ଅବହେଳା। ବିଧାନସଭାରେ ପୂର୍ବ ଘୋଷିତ ନାମକୁ ବର୍ତ୍ତମାନର ସରକାର ବାଦ ଦେବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ପୂର୍ବ ପରିକଳ୍ପିତ ନାମ ତାଲିକା ଅନୁସାରେ ଶେରଗଡ଼କୁ ଏନ୍‌ଏସି ଘୋଷଣା କରାନଗଲେ ବରିଷ୍ଠ ନାଗରିକଙ୍କ ସହିତ ସମସ୍ତ ବୁଦ୍ଧିଜୀବୀ, ଯୁବକ, ସମସ୍ତ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



▶ଶେରଗଡ଼କୁ ଏନ୍‌ଏସି ମାନ୍ୟତା ନମିଳିବା ରାଜ୍ୟ ସରକାର ଶେରଗଡ଼କୁ ଅବହେଳା କରୁଥିବା ସ୍ପଷ୍ଟ ବାରି ହୋଇପଡୁଛି। ଖୁବ ଶୀଘ୍ର ଶେରଗଡ଼କୁ ଏନ୍‌ଏସି ଘୋଷଣା ନହେଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ଏବଂ ଆନ୍ଦୋଳନ କରିବୁ।

-କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷ



▶ମୁଖ୍ୟ ବିରୋଧୀ ଦଳ ଓ ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ ଲାଗି ଶେରଗଡ଼କୁ ଏନଏସି ଘୋଷଣା କରାଗଲା ନାହିଁ। ରାଜ୍ୟ ସରକାର ପୁଣି ଥରେ ବିଚାର କରି ଶେରଗଡ଼କୁ ଏନଏସି ଘୋଷଣା କରନ୍ତୁ। ନହେଲେ ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ।

-ସୀମାଞ୍ଚଳ ମହାପାତ୍ର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି



▶୨୦୧୧ ଜନଗଣନା ଅନୁସାରେ ୧୧୭୬୭ ଜନସଂଖ୍ୟା ବିଶିଷ୍ଟ କ୍ରମବର୍ଦ୍ଧିଷ୍ଣୁ ଶେରଗଡ଼ ପଞ୍ଚାୟତର ପଞ୍ଚାୟତରାଜ ବ୍ୟବସ୍ଥାର ସିମୀତ ସମ୍ବଳରେ ଉନ୍ନୟନ କାର୍ଯ୍ୟ ଠିକ ଭାବରେ ହୋଇ ପାରୁନଥିବାରୁ ଶେରଗଡ଼କୁ ରାଜ୍ୟ ସରକାର ଜନସାଧାରଣଙ୍କ ଦାବିକୁ ସହୃଦୟତାର ସହ ବିଚାର କରି ଶେରଗଡ଼କୁ ଏନଏସି ଘୋଷଣା କରିବା ଉଚିତ।

-ମେଘନାଦ ଦାସ, ବରିଷ୍ଠ ସାମ୍ବାଦିକ



▶ଆଗାମୀ ଦିନରେ ଶେରଗଡ଼କୁ ଏନଏସି ଘୋଷଣା କରାଯିବ। ବିରୋଧୀ ଏହାକୁ ନେଇ ସମାଲୋଚନା କରିବା ଆବଶ୍ୟକ ନାହିଁ। ଆମ ଦଳର ବରିଷ୍ଠ ନେତୃତ୍ୱ ଓ ସରକାରଙ୍କ ସହ ଆଲୋଚନା କରି ଖୁବଶୀଘ୍ର ଶେରଗଡ଼କୁ ଏନଏସି ଘୋଷଣା କରିବା ଲାଗି ଯୋଜନା କରୁଛୁ।

-ଶିଶିର କୁମାର ମିଶ୍ର, ବିଜେପି ବିଧାୟକ ପ୍ରାର୍ଥୀ



▶ବହୁ ଆଗରୁ ଶେରଗଡ଼ ଏନଏସି ମାନ୍ୟତା ପାଇବା କଥା। ପୂର୍ବତନ ସରକାର ଏହାକୁ ବିଳମ୍ବରେ ଘୋଷଣା କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ରାଜନୈତିକ ଅଭିସନ୍ଧି ରଖି ଶେରଗଡ଼ ସହରକୁ ଏନଏସି ମାନ୍ୟତାରୁ ବଞ୍ଚିତ କରିଛନ୍ତି। ରାଜ୍ୟ ସରକାର ଆଗାମୀ ଦିନରେ ଶେରଗଡ଼କୁ ଏନଏସି ମାନ୍ୟତା ପ୍ରଦାନ ନ କରନ୍ତି, ତେବେ ଜନସାଧାରଣ ଆନ୍ଦୋଳନ କରିବେ।

-ହରପ୍ରସାଦ ଆଚାରୀ, ସିପିଆଇ ପୂର୍ବତନ ଜୋନ ସମ୍ପାଦକ



▶ଶେରଗଡ଼କୁ ଏନଏସି ଘୋଷଣା ନ କରିବା ରାଜ୍ୟ ସରକାରଙ୍କ ଏହା ହୀନ ରାଜନୀତିର ପରିଚୟ ଦେଉଛି। ପୂର୍ବ ସରକାର ଘୋଷଣା କରିଥିଲେ, ବର୍ତ୍ତମାନର ସରକାର କାହିଁକି ମାନ୍ୟତା ଦେଲେ ନାହିଁ। ଶେରଗଡ଼ ବିଜ୍ଞାପିତ ଅଞ୍ଚଳ ହେବା ଲାଗି ସମସ୍ତ ମାନଦଣ୍ଡ ପୂରଣ କରୁଛି।

-ଯାଜ୍ଞସେନୀ ପ୍ରଧାନ, ପୂର୍ବତନ ସରପଞ୍ଚ, ଶେରଗଡ଼

## ୫ରେ ଶେରଗଡ଼ ବନ୍ଦ ନିଷ୍ପତ୍ତି

ଶେରଗଡ: ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଟି ପର୍ଯ୍ୟାୟରେ ୨୮ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଛନ୍ତି। ସବୁ ସୁବିଧା ଥାଇ ମଧ୍ୟ ଏଥିରୁ ଶେରଗଡ଼ ବାଦ୍ ପଡ଼ିଛି। ଏନଏସି ମାନ୍ୟତା ନମିଳିବା ଘଟଣାକୁ ନେଇ ଜନଅସନ୍ତୋଷ ଓ ରାଜନୈତିକ ବାଦବିବାଦ ଆରମ୍ଭ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୫ ତାରିଖ ଶୁକ୍ରବାର ଦିନ ଶେରଗଡ଼ ସହରବାସୀଙ୍କ ପକ୍ଷରୁ ଶେରଗଡ଼ ବନ୍ଦ ଡାକରା ଦିଆଯାଇଛି। ଗତବର୍ଷ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶେରଗଡକୁ ଏନଏସି ମାନ୍ୟତା ଦିଆଗଲା ବୋଲି ଘୋଷଣା କରିବା ପରେ ଶେରଗଡବାସୀଙ୍କ ସ୍ୱପ୍ନ ସାକାର ହେଲା ବୋଲି ଆଶା କରିଥିଲେ। ଇତି ମଧ୍ୟରେ ୧ ବର୍ଷ ବିତି ଯାଇଥିଲା ବେଳେ ଏନଏସି ଆଶା ମଉଳି ଯାଇଛି। ପ୍ରତିବାଦ ସ୍ୱରୂପ ୫ରେ ବନ୍ଦ ଡ଼ାକରା ଦିଆଯାଇଛି।



## ନିଯୁକ୍ତି ନାଁରେ ଠକେଇ

# ଟଙ୍କା ନେଇ ନକଲି ନିଯୁକ୍ତିପତ୍ର ପ୍ରଦାନ

ଛତ୍ରପୁର,୨।୯ (ସମିସ): ଛତ୍ରପୁର ବ୍ଲକ ଓ ଗଞ୍ଜାମ ବ୍ଲକରେ ବିଭିନ୍ନ ପଦପଦବୀରେ ନିଯୁକ୍ତି ବାହାରିଛି କହି ଜଣେ ମହିଳା ବହୁ ଶିକ୍ଷତ ଯୁବକ/ଯୁବତୀଙ୍କ ଠାରୁ ଟଙ୍କା ନେଇ ବହୁ ନକଲି ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଦୁଇ ବ୍ଲକକୁ ୧୫ ରୁ ୨୦ ଜଣକୁ ଏହିପରି ନକଲି ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ମହିଳା ଜଣକ ନିଜକୁ ରାସନକାର୍ଡ ଅପରେଟର କହିବା ସହ ଛତ୍ରପୁର ବ୍ଲକ ଅଫିସର ସିଲ୍ ଓ ନକଲି ଦସ୍ତଖତ ଥିବା ଏକ ପରିଚୟ ପତ୍ର ପିନ୍ଧି ମଙ୍ଗଳବାର ଛତ୍ରପୁର ବ୍ଲକ କାର୍ଯ୍ୟାଳୟରେ ଥିବା ସହ କିଛି ଆଶାୟୀ ଯୁବକ ମଧ୍ୟ ଉପସ୍ଥିତ ଥିଲେ। ଏହା ଜାଣିବାପରେ କାର୍ଯ୍ୟାଳୟର କିଛି କର୍ମଚାରୀ ମହିଳାଙ୍କ ଘଟଣା ସମ୍ପର୍କରେ ପଚାରିବାରେ ପରେ ସେଠାରୁ ଲୁଚି ପଳେଇଯିବା ସହ ଆଶାୟୀ ଥିବା ଯୁବକ ମଧ୍ୟ ସେଠାରୁ ପଳାଇଯାଇଥିଲେ। ଚାକାରି କରାଇଦେବା ନାଁରେ ମହିଳା ଜଣକ ଜଣ ପିଛା ୧୫ରୁ ୨୦ ହଜାର ଟଙ୍କା ମଧ୍ୟ ନେଇଥିବା ଜଣାପଡିଛି। ଜଣେ ଯୁବକ ୨୨ ଅଗଷ୍ଟ ୨୦୨୫ ହୋଇଥିବା ଚୟନରେ ୱେଲଫେୟାର ଏକ୍ସଟେନସନ ଅଫିସର ଭାବେ ଚୟନ ହୋଇଛି। ଆସନ୍ତା ୫ରୁ ଛତ୍ରପୁର ବ୍ଲକରେ ଯୋଗଦାନ କରିବାକୁ ନିଯୁକ୍ତିପତ୍ରରେ ଉଲ୍ଲେଖ ରହିଛି। ଏହିପରି ଭାବେ ମହିଳା ଜଣକ ବହୁ ବ୍ୟକ୍ତିଙ୍କୁ ଏହିପରି ନକଲି ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏପରିକି କାହାକୁ ଦରମା ୧୭ ହଜାର କୁହାଯାଇଛି ତ କାହାକୁ ୧୮ ହଜାର କୁହାଯାଇଛି। କାହାକୁ ୧ ବର୍ଷ ପାଇଁ ଚୁକ୍ତି ଭିତ୍ତିକ ଭାବେ ରହିବ ତ କାହାକୁ ୫ ବର୍ଷ ଚୁକ୍ତି ଭିତ୍ତିକ ଭାବେ କାର୍ଯ୍ୟ କରିବେ। ଚୁକ୍ତି ସରିବା ପରେ କାର୍ଯ୍ୟ ଦକ୍ଷତା ଉପରେ ପୁଣି ନିଷ୍ପତି ନିଆଯିବ। ଏନେଇ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କୁ ପଚାରିବାରୁ କୌଣସି ପୋଷ୍ଟ ବାହାରିନି, ଏହାସବୁ ମିଥ୍ୟା, ରାସନ କାର୍ଡ ଅପରେଟର କହୁଥିବା ବିଷ୍ଣୁ ପ୍ରିୟା ବେହେରା ନାମ୍ନୀ କୌଣସି ମହିଳା ବ୍ଲକରେ କାର୍ଯ୍ୟ କରୁନାହାନ୍ତି ବୋଲି କହିଥିଲେ। ଏହାସବୁ ଫେକ ବୋଲି କହିଥିଲେ। ଏନେଇ କୌଣସି ବ୍ୟକ୍ତି ଥାନାରେ ମଧ୍ୟ ଅଭିଯୋଗ କରିନାହାନ୍ତି। ଥାନାରେ ଅଭିଯୋଗ ଆସିବାପରେ ଘଟଣାର ସତ୍ୟତା ଜଣାପଡିବ।

## ସୁରଟକୁ ଭାୟା କେଦାଳା ଚାଲାଣବେଳେ ମାଡ଼ିବସିଲା ପୁଲିସ

# ସ୍କୁଟି ସହ ୨୪କେଜି ଗଞ୍ଜେଇ ଜବତ; ୨ ଗିରଫ

ଖଲ୍ଲିକୋଟ,୨।୯ (ସମିସ): କୋଦଳାରୁ ସୁରଟ ଚୋରା ଚାଲାଣ ହେଉଥିଲା ଗଞ୍ଜେଇ। ଖବର ପାଇ ମାଡ଼ି ବସିଲା ପୁଲିସ। ୨୪ କେଜି ଗଞ୍ଜେଇ ସହ ସ୍କୁଟିକୁ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ନମ୍ବର ବିହୀନ ସ୍କୁଟି ଯୋଗେ ଗଞ୍ଜେଇ ଧରି ଖଲ୍ଲିକୋଟ ରେଳ ଷ୍ଟେସନକୁ ଯାଉଥିବା ବେଳେ ସୂଚନା ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସ୍ଆଇ କେଶବ ଷଡ଼ଙ୍ଗୀ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, କନେଷ୍ଟବଳ ଅଜୟ କୁମାର ବେହେରା ଓ ରମାକାନ୍ତ ନାୟକ ପ୍ରମୁଖ ହରିଡ଼ାମୂଳ ଛକରେ ଚଢ଼ାଉ କରି ଗଞ୍ଜେଇ ସହ ସ୍କୁଟିକୁ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଦୁଇ ଜଣ କୋଦଳା ଥାନା ଅନ୍ତର୍ଗତ ରାମପଲ୍ଲୀ ଗ୍ରାମର ମନୋଜ କୁମାର ବାରିକ ଓ ମାରୁଡ଼ିପଲ୍ଲୀ ଗ୍ରାମର ଅନିଲ ଜେନା ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନଂ.୭୨୪/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।



## ଉପରମୁଣ୍ଡରେ ବର୍ଷା; ଖୋଲିଲା ଡହ ଜଳଭଣ୍ଡାର ଗେଟ୍

ଭଞ୍ଜନଗର,୨।୯ (ସମିସ): ଗତ କିଛିଦିନ ହେଲା ଲଘୁଚାପଜନିତ ଲଗାଣ ବର୍ଷାରେ ଭଞ୍ଜନଗର ଜଳସେଚନ ବିଭାଗ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବଢିବାରେ ଲାଗିଛି। ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ଡହ, ଭଞ୍ଜନଗର ଓ ସୋରଡ଼ା ଜଳଭଣ୍ଡାରର ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ପରିସ୍ଥିତିରେ ବର୍ଷା ଲାଗି ରହିଥିବାରୁ ଜଳଭଣ୍ଡାରରେ ଶତପ୍ରତିଶତ ପାଣି ପୂର୍ଣ୍ଣ ହେବାର ସମ୍ଭାବନା ରହିଛି। ଜଳଧାରଣକ୍ଷମତାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଡହ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇଛି। ଗଞ୍ଜାମ ଓ କନ୍ଧମାଳ ଜିଲ୍ଲା ସୀମାନ୍ତ ଡହ ଜଳଭଣ୍ଡାରର ଜଳଧାରଣ କ୍ଷମତା ୨୧୯୫.୦୦ ହେକ୍ଟୋମିଟର ରହିଥିବା ବେଳେ ମଙ୍ଗଳବାର ସକାଳ ସୁଦ୍ଧା ୯୮ ପ୍ରତିଶତ ପାଣି ଜଳଭଣ୍ଡାରରେ ଗଚ୍ଛିତ ରହିଥିଲା। ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ଜଳଭଣ୍ଡାରରେ ଶତପ୍ରତିଶତ ଜଳ ପୂର୍ଣ୍ଣ ହେବାର ସମ୍ଭାବନା ଥିବାରୁ ପ୍ରଥମ ପର୍ଯ୍ୟାୟରେ ଡ଼ହ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇ ପାଣି ଛଡା ଯାଇଛି। ଏନେଇ ଜଳଭଣ୍ଡାରର ନିମ୍ନ ଅବବାହିକାରେ ଥିବା ଡହ ଓ ଲୋହରାଖଣ୍ଡି ନଈକୂଳିଆ ଗ୍ରାମବାସୀ ତଥା ସର୍ବ ସାଧାରଣଙ୍କୁ ସତର୍କ କରାଯାଇଛି। ବିଶେଷକରି ଲୋହରାଖଣ୍ଡି ନଦୀରେ ଉଦ୍‌ବୃତ୍ତ ଜଳ ପ୍ରବାହିତ ହେଲେ ଏହାର ପ୍ରଭାବ ଭଞ୍ଜନଗର ବ୍ଲକ୍‌ର ଡୁମାକୁମ୍ପା, ସାନକୋଦଣ୍ଡା, ବଡ଼କୋଦଣ୍ଡା, ବାଡ଼ଁଶଲୁଣ୍ଡି ପଞ୍ଚାୟତ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ଦୃଷ୍ଟିରୁ ଜଳସମ୍ପଦ ବିଭାଗ ପକ୍ଷରୁ ଏସବୁ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିଙ୍କୁ ସୂଚନା ଦିଆଯାଇଥିବା ଇଂ ପଞ୍ଚୁ ବେହେରା ବେହେରା କହିଛନ୍ତି।

## ରାସନ ଚାଉଳ ଆଣିବାକୁ ୨୦ କିମି ଯାଉଛନ୍ତି ହିତାଧିକାରୀ

# ସବ୍‌ସେଣ୍ଟର ଦାବିରେ ଯୋଗାଣ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

ତୁମୁଡିବନ୍ଧ,୨।୯ (ସମିସ)



ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ତରଲଙ୍ଗି ଗ୍ରାମ ସମେତ ଆଖପାଖର ପ୍ରାୟ ୬ ଖଣ୍ଡ ଗ୍ରାମର ଶତାଧିକ ରାସନକାର୍ଡ ହିତାଧିକାରୀ ତୁମୁଡିବନ୍ଧ ପଞ୍ଚାୟତ ସମିତିର ବ୍ଲକ ଯୋଗାଣ ଅଧିକାରୀ ବିନୋଦ ଚନ୍ଦ୍ର ନାୟକଙ୍କୁ ଘେରି ରାସନ ଚାଉଳ ବଣ୍ଟନରେ ଅନିୟମିତତାର ପ୍ରତିବାଦ କରିଥିଲେ। ହିତାଧିକାରୀଙ୍କ ଅଭିଯୋଗ ଅନୁଯାଇ ମୁଣ୍ଡିଗଡ଼ ମୁଖ୍ୟ ପଞ୍ଚାୟତ କାର୍ଯ୍ୟାଳୟରୁ ତରଲଙ୍ଗି ଗ୍ରାମ ପାଖାପାଖି ୨୦ କିମି ଦୂର। ତରଲଙ୍ଗି ସମେତ ଆଖପାଖ ୬ ଖଣ୍ଡ ଗ୍ରାମର ହିତାଧିକାରୀଙ୍କୁ ଚାଉଳ ନେବାକୁ ପ୍ରାୟ ୨୦ କିମି ଦୂର ଯିବାକୁ ପଡୁଛି ଓ ୨ଶହ ଟଙ୍କା ଖର୍ଚ୍ଚ ହେଉଛି। ଏଥିରେ ହିତାଧିକାରୀଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯାହା ପାଖରେ ଟଙ୍କା ଅଛି ସେ ପିକ୍‌ଅପ୍‌ରେ ଚାଉଳ ନେଉଛି, ଯାହା ପାଖରେ ନାହିଁ ସେ ଦିନ ତମାମ ବସ୍‌କୁ ଅପେକ୍ଷା କରି ଦିନ ବିତୁଛି। ଏପରି ସମସ୍ୟା ଯୋଗୁ ଗ୍ରାମବାସୀ ମୁଣ୍ଡିଗଡ଼ ସରପଞ୍ଚ ଜମିତା ମାଝୀଙ୍କୁ ଭେଟି ତରଲଙ୍ଗି, ପିଙ୍ଗାଡି, ସେଲାଙ୍ଗୀ, ସରଙ୍ଗମୁଣ୍ଡି, ଲଡଗୀ ଗ୍ରାମର ହିତାଧିକାରୀଙ୍କୁ ରାସନ ଚାଉଳ ମାସିକ ବଣ୍ଟନ ନିମନ୍ତେ ତରଲଙ୍ଗି ଗ୍ରାମରେ ଏକ ସବ୍‌ସେଣ୍ଟର ଖୋଲିବାକୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସରପଞ୍ଚ ତୁମୁଡିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁଙ୍କୁ ସାକ୍ଷାତ କରି ବାଲିଗୁଡା ବିଧାୟକ ଚକ୍ରମଣୀ କହଁରଙ୍କୁ ଅବଗତ କରିଥିଲେ। ବିଧାୟକ ସମସ୍ୟା ସମ୍ପର୍କରେ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତରଲଙ୍ଗି ଗ୍ରାମରେ ସବସେଣ୍ଟର ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସରପଞ୍ଚ ତତ୍ପରତା ଦେଖାଇ ଏକ ସବସେଣ୍ଟର ଖୋଲିଥିଲେ। ମାତ୍ର କିଛିବର୍ଷର ବିରାମ ପରେ ପୁଣିଥରେ ପୂର୍ବ ସମସ୍ୟା ଦେଖିବାକୁ ମିଳିଛି। ତୁମୁଡିବନ୍ଧ ବ୍ଲକ ଯୋଗାଣ ଅଧିକାରୀ ନିଜର ମନମାନି କରି ସବ୍‌ସେଣ୍ଟରକୁ ବନ୍ଦ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ପୂର୍ବପରି ୨୦ କିମି ଦୂରକୁ ଆସି ହୀନସ୍ତା ହୋଇ ରାସନ ନେଉଛନ୍ତି ହିତାଧିକାରୀ। ଏନେଇ ଗ୍ରାମବାସୀ ବାରମ୍ବାର ଯୋଗାଣ ସହାୟକଙ୍କ ଠାରେ ଅଭିଯୋଗ କରିଥିଲେ। ଯୋଗାଣ ସହାୟକ ଉକ୍ତ ସମସ୍ୟାର ସମାଧାନ କରି ସବ ସେଣ୍ଟର ପୁନଃ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବ୍ଲକ ଯୋଗାଣ ଅଧିକାରୀ ତାଙ୍କୁ ବାଧା ସୃଷ୍ଟି କରୁଥିଲେ। ଏନେଇ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇ ଏସମ୍ପର୍କରେ ସବସେଣ୍ଟର କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। ବିଡିଓ ଯୋଗାଣ ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ତାଗିଦ କରିଥିଲେ ମଧ୍ୟ ଯୋଗାଣ ଅଧିକାରୀ ଶୁଣିନଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ହେଇନଥିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହେଇ ତୁମୁଡିବନ୍ଧ ସ୍ଥିତ କାର୍ଯ୍ୟାଳୟରେ ଯୋଗାଣ ଅଧିକାରୀଙ୍କୁ ଘେରି ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ ସୁଦ୍ଧା ସେ ଶୁଣିନଥିଲେ। ଏଥିନେଇ କାର୍ଯ୍ୟାଳୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଇଥିଲା। ଖବର ପାଇ ବ୍ଲକ ଅଧ୍ୟକ୍ଷା ଆସି ହିତାଧିକାରୀଙ୍କୁ ବୁଝାସୁଝା କରି ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମିଳିତ ଆଲୋଚନା ପରେ ଖୁବଶୀଘ୍ର ସବସେଣ୍ଟର ପୁଣି ଥରେ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ହିତାଧିକାରୀ ଘରକୁ ଫେରିଥିଲେ। ବ୍ଲକ ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକ ଯୋଗାଣ ଅଧିକାରୀ ମିଳିତ ଭାବେ ତରଲଙ୍ଗୀ ଗସ୍ତ କରି ଦୀର୍ଘଦିନ ଧରି ବନ୍ଦ ରହିଥିବା ସବସେଣ୍ଟର ଗୃହର ଅବସ୍ଥା ଦେଖିଥିଲେ।

## କାଶୀନଗର ଏନ୍‌ଏସିରେ ସ୍ୱାୟତ୍ତଶାସନ ଦିବସ



କାଶୀନଗର,୨।୯ (ସମିସ): ଗଜପତି ଜିଲ୍ଲାରେ ଏକ ମାତ୍ର ବିଜ୍ଞାପିତ ଅଞ୍ଚଳ କାଶୀନଗରରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଅଧ୍ୟକ୍ଷା ଏମ.ସୁଧାରାଣୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ଇ.ରୂପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା ଓ ତହସିଲଦାର ସୁଧୀର କୁମାର ନନ୍ଦ ମଞ୍ଚାସୀନ ଥିଲେ। ଏନ୍‌ଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ନିର୍ବାହୀ ଅଧିକାରୀ ଭାଗବତ ସାହୁ ଓ ସମସ୍ତ କାଉନସିଲର ପରିଚାଳନା କରିଥିଲେ। ନିର୍ବାହୀ ଅଧିକାରୀ ଏନ୍‌ଏସି ତରଫରୁ ହାତକୁ ନିଆ ଯାଇଥିବା ବିକାଶମୂଳକ କାର୍ଯ୍ୟଗୁଡିକ ଉପରେ ଆଲୋକପାତ କରିଥିଲେ। ପରେ ପୂର୍ବତନ କାଉନସିଲର, ଉପାଧ୍ୟକ୍ଷ, ଅବସରପ୍ରାପ୍ତ ଶିକ୍ଷକ ଓ ସେନାକର୍ମୀ ମାନଙ୍କୁ ଏନଏସି ପକ୍ଷରୁ ସମ୍ମାନିତ କରାଯାଇଥିଲା। କାଶୀନଗର ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଏନ. ସୁଭାକର ରାଓଙ୍କୁ କାଶୀନଗର ସାମାଜିକ କର୍ମୀ ଭାବେ ପରିଚିତ କରି ସମ୍ବର୍ଦ୍ଧନା ଜଣାଇଥିଲେ ଅଧ୍ୟକ୍ଷା। ବିଧାୟକ ଶ୍ରୀ ପାଣିଗ୍ରାହୀ କାଶୀନଗର କିପରି ଉନ୍ନତି ଦିଗକୁ ଯିବ ସେ ବିଷୟରେ ମତ ପ୍ରକାଶ କରିବା ସହ ମିଳିମିଶି ବିକାଶମୂଳକ କାର୍ଯ୍ୟ କଲେ ସହରର ବିକାଶ ହେବ ବୋଲି କହିଥିଲେ। ସେହିପରି କାଶୀନଗର ସହର ବିକାଶ ପାଇଁ ବିଧାୟକ ନିଜ ଅନୁଦାନ ରାଶିରୁ ୧୦ଲକ୍ଷ ଟଙ୍କା ଦେବେ ବୋଲି କହିବା ସହ ଆଗାମୀ ଦିନରେ ଲୋକଙ୍କ ବିକାଶ ପାଇଁ ଅନୁଦାନ ରାଶି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାଶୀନଗର ସହର ସ୍ୱଚ୍ଛତା ରଖିଥିବା କର୍ମଚାରୀ ମାନଙ୍କୁ ନିଜ ପକ୍ଷରୁ ସମ୍ମାନିତ କରିଥିଲେ ବିଧାୟକ। ଇଣ୍ଡିଆନ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

